# ଜଳଛତ୍ରରେ ମିଳୁନି ପାଣି




**ଭବାନୀପାଟଣା, ୨୫ ।୩(ସମିସ):**

● ଭବାନୀପାଟଣା ପୌରପାଳିକା

ଦିନକୁ ଦିନ ତାପମାତ୍ରା ବୃଦ୍ଧି ସାଙ୍ଗକୁ ମୁଣ୍ଡଫଟା ଖରା ଓ ଗୁଳୁଗୁଳି ବୃଦ୍ଧି ପାଉଥିବା ବେଳେ ତାପମାତ୍ରା ୪୦ ଡିଗ୍ରୀକୁ ଛୁଇଁ ଥିବା ବେଳେ ଭବାନୀପାଟଣା ସହରରେ ଏଯାବତ୍ ଜଳଛତ୍ର ଖୋଲାଯାଇ ନାହିଁ।ପୌରପାଳିକା ପକ୍ଷରୁ କେବଳ ଜଳଛତ୍ର ଷ୍ଟାଣ୍ଡ ଖୋଲିଦେଇ ବ୍ୟାନର ଲଗାଇ କାମ ସରିଦେଇଛି।ଫଳରେ ପଥଚାରୀମାନେ ପାଣି ପାଇଁ ଡହକବିକଳ ହେଉଛନ୍ତି। ବିଶେଷ କରି ଶନିବାର ଓ ମଙ୍ଗଳବାର ସାପ୍ତାହିକ ବଜାର ସହରରେ ହେଉଥିବା ବେଳେ ଆଖପାଖର ହଜାର ହଜାର ଲୋକ ଭବାନୀପାଟଣା ସହର ଆସିଥାନ୍ତି କିନ୍ତୁ ପ୍ରବଳ ରୌଦ୍ରତାପ ପ୍ରଭାବରେ ଟୋପେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି।

ପୌରପାଳିକା କର୍ତ୍ତୃପକ୍ଷ ନିରବ ରହିବା ଜନସାଧାରଣଙ୍କୁ ବିସ୍ମିତ କରୁଛି।ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟି ନଦେଇ ପୌର କର୍ତ୍ତୃପକ୍ଷ ନିଜକୁ ସୁହାଇଲା ଭଳି ଠିକା କାମକୁ ଗୁରୁତ୍ୱ ଦେଉଥିବା ସାଧାରଣରେ ଆଲୋଚନା ହେଉଛି। ଯଥାଶୀଘ୍ର ସହରରେ ଜଳଛତ୍ର ଚାଲୁ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ପିଷ୍ଟାପଡ଼ା ଡକାୟତି ଘଟଣାର ତଦନ୍ତ

**କଲମପୁର, ୨୫ ।୩(ସମିସ):** କଲମପୁର ଥାନା ଅନ୍ତର୍ଗତ ପଣ୍ଡିଗାଁ ପିଷ୍ଟାପଡ଼ାରେ ଡକାୟତ ଦଳ ଜନୈକ ବ୍ୟକ୍ତିଙ୍କ ଘରେ ପଶି ବନ୍ଧୁକ ମୁନରେ ଟଙ୍କା ଲୁଟି ନେଇଥିବା କଲମପୁର ଥାନାରେ ଅଭିଯୋଗ ହୋଇଛି।ଅଭିଯୋଗ ଅନୁସାରେ ପିଷ୍ଟାପଡ଼ାର ଜଳଧର ମାଝିଙ୍କ ପୁଅ ବରୁଣ ମାଝି(୩୬) ଘରେ ଶୋଇଥିଲେ, ରାତ୍ର ରାୟ୨ଟା ସମୟରେ ବରୁଣ ପରିସ୍ରା ପାଇଁ ପଦାକୁ ବାହାରି ଥିଲେ। ଏହି ସମୟରେ ଚାରି ଜଣ ଅଜଣା ବ୍ୟକ୍ତି ଆସି ବରୁଣଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଘରୁ ଆଣିବା ପାଇଁ କହିଥିଲେ।ବରୁଣ ଭୟଭୀତ ହୋଇ ଘର ବାକ୍ସରେ ରଖିଥିବା ୬୯ ହଜାର ଟଙ୍କା



ଆଣି ଡକାୟତଙ୍କୁ ଦେବା ପରେ ସେମାନେ ବରୁଣଙ୍କୁ ଅଳ୍ପ ଦୂରକୁ ନେଇ ଛାଡି ଦେଇ ଫେରାର ମାରିଥିଲେ।ବରୁଣଙ୍କ ଠାରୁ ଅଭିଯୋଗ ପାଇବା ପରେ କଲମପୁର ଥାନା ଅଧିକାରୀ ନୀଳାମ୍ବର ଜାନୀଙ୍କ ସମେତ ପୁଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।ବରୁଣଙ୍କୁ ପଚରା ଉଚୁରା ସମୟରେ ବରୁଣ କରିଥିଲେ ୪ଜଣ ଦୁଇଟି ମଟର ବାଇକ୍ ଆସିଥିଲେ, ସେମାନେ ସମସ୍ତେ ବନ୍ଧୁକ ଧରିଥିବା ବେଳେ ହିନ୍ଦି ମିଶା ଓଡିଆ କଥାବାର୍ତ୍ତା କରୁଥିଲେ ବୋଲି ବୟାନ ଦେଇଛନ୍ତି। ଅଭିଯୋଗ ଆଧାରରରେ ପୁଲିସ ତଦନ୍ତ କରୁଛି।

## ଛାତ୍ରଛାତ୍ରୀଙ୍କୁ ପ୍ୟାଣ୍ଟ ଓ ଟି-ସାର୍ଟ ପ୍ରଦାନ

କଲମପୁର, ୨୫ ।୩(ସମିସ) କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ତ ପୋଟେସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମଙ୍ଗଳବାର ଦିନ ପ୍ୟାଣ୍ଟ ଓ ଟି-ସାର୍ଟ ବଣ୍ଟନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ



ପ୍ରଦୀପ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅଭିମନ୍ୟୁ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବାଗ, ପୂର୍ବତନ ୱାର୍ଡ ସଭ୍ୟ ସୟମ୍ବର ମାଝି, ସାମ୍ବାଦିକ ଶରତ ଚନ୍ଦ୍ର ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।ଶିକ୍ଷକ ସମିର ମେହେର, ଶିକ୍ଷୟିତ୍ରୀ ମଲ୍ଲୀକା ନାଏକ ସହଯୋଗ କରିଥିବା ବେଳେ ଅଭିଭାବକ ଅଭିଭାବିକା ଓ ସ୍କୁଲ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ।ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଟ୍ରାକ୍ ପ୍ୟାଣ୍ଟ, ଟିସାର୍ଟ ବଣ୍ଟନ କରାଯାଇଥିଲା।

## ଟ୍ରକ୍ ଓଲଟି ଡ୍ରାଇଭର ଗୁରୁତର

ଜୁନାଗଡ଼, ୨୫ ।୩(ସମିସ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଳଦିଆମାଳ ଗ୍ରାମର ଛକରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା।।



ସୂଚନାଯୋଗ୍ୟ ଯେ ମଙ୍ଗଳବାର ଏକ ସିମେଣ୍ଟ ବୋଝେଇ ଟ୍ରକ୍ ରାୟପୁରରୁ ଜୁନାଗଡ଼ ଅଭିମୁଖେ ଯାଉଥିବା ବେଳେ ବଳଦିଆମାଲ୍ ଏନ୍‌ଏଚ୍-୨୬ତିନି ଛକ ପାଖ୍ୱର୍ରେ ଥିବା ବୁଲାଣିରେ ଭାରସାମ୍ୟ ହରାଇ ୧୫ ଫୁଟ ତଳକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରୁ ଗୁରୁତର ଭାବେ ହୋଇଥିବା ଡ୍ରାଇଭରକୁ ଉଦ୍ଧାର କରାଯାଇଥିଲା। ଗୁରୁତର ଡ୍ରାଇଭରକୁ ଜୁନାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତରିତ କରାଯାଇଥିଲା। ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ହୋଇଥିବା ବେଳେ ସାଙ୍ଗରେ ଥିବା ବ୍ୟକ୍ତି ପୁରା ସୁସ୍ଥ ଥିବା ଜଣାପଡ଼ିଛି।ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ଗ୍ରାମବସୀ ପ୍ରକାଶ କରିଛନ୍ତି।ଘଟଣା ସ୍ଥଳରେ ଜୁନାଗଡ଼ ପୁଲିସ ପହଞ୍ଚି ଘଟଣାର ଅଧିକ ତଦନ୍ତ କରୁଥିବା ଜୁନାଗଡ଼ ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ବନ ସୁରକ୍ଷା ଦିବସରେ ପ୍ରୋଟେକ୍ସନ ସ୍କ୍ୱାଡ୍ ସମ୍ବର୍ଦ୍ଧିତ

ନୂଆପଡ଼ା, ୨୫।୩(ସମିସ): ଖରିଆରରୋଡ୍ ଫରେଷ୍ଟ ରେଞ୍ଜ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଦିଗରେ ଉତ୍ସର୍ଗୀକୃତ ଭାବେ କାମ କରିଥିବା ପ୍ରୋଟେକ୍ସନ ସ୍କ୍ୱାଡ ଗୋକରନ ଶବର ଜିଲ୍ଲାପାଳ ଏବଂ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ନୂଆପଡ଼ା ଜିଲ୍ଲା ସଦର ମହକୁମାରେ ଅନୁଷ୍ଠିତ ବନସୁରକ୍ଷା ଦିବସରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଗୋକରନ ନିଜର ଜୀବନକୁ ବାଜି ଲଗାଇ ଦିନରାତି କାମ କରି ବିଭାଗୀୟ ଅଧିକାରୀମାନଙ୍କର ପ୍ରୀୟ ଭାଜନ ହୋଇପାରିଥିଲେ। ଖରିଆରରୋଡ୍ ରେଞ୍ଜର ରଞ୍ଜିତ ସିଂ ବାବୁ ଏବଂ ବନକର୍ମଚାରୀମାନେ ଶ୍ରୀ ଶବରଙ୍କୁ ସାଧୁବାଦ ଜଣାଇଛନ୍ତି।



# ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୫ ।୩(ସମିସ):**



ବର୍ତ୍ତମାନ ସମୟରେ ପ୍ଲାଷ୍ଟିକର ବ୍ୟବହାର ଯେତିକି ବଢ଼ିବଢ଼ି ଚାଲିଛି ବିଶ୍ୱର ମାନବସମ୍ବଳ ସେତିକି ଧ୍ୱଂସାଭିମୁଖୀ ହେବାରେ ଲାଗିଛି। ଏବେଠାରୁ ଯଦି ପ୍ଲାଷ୍ଟିକ ବ୍ୟବହାରକୁ ନିୟନ୍ତ୍ରଣ କରା ନଯାଏ ତେବେ ଆମ ଭବିଷ୍ୟତ ବଂଶଧର ମାନଙ୍କ ଜୀବନ ବିପଦପୂର୍ଣ୍ଣ ବୋଲି ସ୍ଥାନୀୟ ପୋଲିସ ହାଇସ୍କୁଲରେ ପ୍ଲାଷ୍ଟିକମୁକ୍ତ ପରିବେଶ ଦକ୍ଷତାବୃଦ୍ଧି ଶୀର୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ଲାଷ୍ଟିକ ବ୍ୟବହାର ଉପରେ ନିୟନ୍ତ୍ରଣ ରଖିବା ନିହାତି ଜରୁରୀ।ସେଣ୍ଟର ଫର୍ ଏନ୍‌ଭର୍ଣ୍ଣମେଣ୍ଟ ଷ୍ଟଡିଜ୍ ଭୁବନେଶ୍ୱର ଓ ଭବାନୀପାଟଣା ପୁଲିସ ହାଇସ୍କୁଲର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ୫୦ଜଣ ଅଂଶ ଗ୍ରହଣ କରିଥିଲେ।କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅତିଥି ଭାବେ ଶୁଭମ୍ ପାଢ଼ୀ, ଡିଏସ୍‌ଆର୍, କଳାହାଣ୍ଡି, ପ୍ରତୀକ ରଥ, ଓଏମ୍‌ଏଏସ୍, ର ନିର୍ବାହୀ ଅଧିକାରୀ, ଜଗଦୀଶମୁଣ୍ଡ, ଏବିଇଓ, ଭବାନୀପାଟଣା ଓ ପ୍ରଫୁଲ୍ଲ ଠାକୁର, ସିଆରସିସି ଯୋଗଦେଇ ଉପସ୍ଥିତ ଅଂଶ ଗ୍ରହଣକାରୀମାନଙ୍କୁ ପ୍ଲାଷ୍ଟିକ ଓ ଥର୍ମୋକୋଲର ବିଭିନ୍ନ ଅପକାରୀ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।କାର୍ଯ୍ୟକ୍ରମରେ ସ୍ଥାନୀୟ ସରକାରୀ ବିଇଡି କଲେଜ, ଡିଆଇଇଟି, ତିଳଯୋଡି ହାୟାର ସେକେଣ୍ଡାରୀ ସ୍କୁଲର ଛାତ୍ରଛାତ୍ରୀ, ହାଇସ୍କୁଲ ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କଳାହାଣ୍ଡି ଆର୍ଟ ଏଣ୍ଡ ରିସର୍ଚ୍ଚ

● ୫୦ ଜଣଙ୍କୁ ଦିଆଗଲା ପ୍ରଶିକ୍ଷଣ

କଲେଜର ଛାତ୍ରଛାତ୍ରୀ ବିଶେଷ କରି ମହିଳା ସ୍ୱୟଂ ସହାୟକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଅତିଥି ଭାବେ ଇଂଅଜୟ ପଣ୍ଡା, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ବରିଷ୍ଠ ସାମ୍ବାଦିକ ଲଳିତ କାନୁନଗୋ, ପ୍ରଧାନଶିକ୍ଷକ, ବୋର୍ଡା ହାଇସ୍କୁଲ, ପ୍ରକାଶ ଚନ୍ଦ୍ର ନିଶଙ୍କ, ପ୍ରଧାନ ଶିକ୍ଷକ ତିଲଯୋଡି ଏଚ୍‌ଏସ୍ ବିଜୟାନନ୍ଦ ହୋତା, ପ୍ରଧାନଶିକ୍ଷକ ନର୍ଲା ରୋଡ ହାଇସ୍କୁଲ ସନ୍ତୋଷ କର ପ୍ରମୁଖ ଉପସ୍ଥିତ ରହି ଅଂଶ ଗ୍ରହଣକାରୀମାନଙ୍କୁ ପ୍ଲାଷ୍ଟିକ ବ୍ୟବହାରର ନିୟମ, ଆବଶ୍ୟକତା ଓ ଅପକାରିତା ସମ୍ପର୍କରେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସାଧନକର୍ମୀ ଭାବେ ରବୀନ୍ଦ୍ର କୁମାର ପଟ୍ଟନାୟକ, ମୁକୁନ୍ଦ ରେଙ୍ଗ, ଚିଣ୍ଟୁ ପ୍ରସାଦ ନାୟକ, ପ୍ରତାପ ପଣ୍ଡା, ରସ୍ମିତା ମୁଣ୍ଡା, ପିଣ୍ଟୁ ସୁନା, ରୋହିତ ବିଶି, ପ୍ରତୀକ୍ଷା ନାୟକ ଓ ବିଶାଳ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପୁଲିସ ହାଇସ୍କୁଲର ପ୍ରଧାନଶିକ୍ଷକ ତଥା ପରିବେଶ ସୁରକ୍ଷା ପାଇଁ ଅହରହ କାମ କରୁଥିବା ପ୍ରକୃତିବନ୍ଧୁ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ପୋଲିସ ହାଇସ୍କୁଲର ବରିଷ୍ଠ ଶିକ୍ଷକ ତଥା ଏନ୍‌ସିସି ଅଫିସର ଗଙ୍ଗାଧର ନନ୍ଦ ଓ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ଛାତ୍ରୀ ଆଦ୍ୟାଶା କର ଓ ଦିଶା ପାଣ୍ଡେ।

# 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା କର୍ମଶାଳା



**ନୂଆପଡ଼ା, ୨୫।୩(ସମିସ):** ନୂଆପଡ଼ା ଜିଲ୍ଲା ସଦରମହକୁମାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା ନିରାକରଣ ଉପରେ ସଚେତନତା ଶୋଭାଯାତ୍ରା କରାଯାଇଥିବା ବେଳେ 'ବେଟି ବଚାଓ ବେଟି ପଢ଼ାଓ' ସଚେତନତା କର୍ମଶାଳା ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଚେତନତା ରାଲିକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଶୁଭାରମ୍ଭ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ସଂଖ୍ୟାରେ ଅଙ୍ଗନବାଡ଼ି, ସିଡିପିଓ, ସୁପରଭାଇଜର କର୍ମୀ, ଆଶା କର୍ମୀ, ମିଶନ ଶକ୍ତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଯୋଗଦେଇଥିଲେ। ଶୋଭାଯାତ୍ରାଟି ବିଭିନ୍ନ ସଚେତନତା ସ୍ଲୋଗାନ ଦେଇ ଏକତା ଛକରୁ ପୁଣି ଫେରିଥିଲା। ପରେ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ ଧରଣୀଧର ସେନାପତି ଓ ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ ଓ କନ୍ୟାଭ୍ରୁଣ ହତ୍ୟା କିଭଳି ସମାଜରେ ଅସନ୍ତୁଳନ ସୃଷ୍ଟି କରୁଛି ସେ ବିଷୟରେ ସଚେତନ କରିଥିଲେ। ଡା. ସେନାପତି ଏହାର ବୈଷୟିକ ଦିଗପ୍ରତି ଆଲୋକପାତ କରି ଆଇନଗତ ପ୍ରାବଧାନ ସମ୍ବନ୍ଧରେ ସୂଚନା ଦେଇଥିଲେ। ସଭାକୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେ ଯେ, ସମାଜରେ ମା' ବିନା ପରିବାରର ସ୍ଥିତି ନାହିଁ। ଆମେ ମା' ପାଇଁ ହିଁ ସମାଜରେ ଠିଆ ହୋଇପାରିଛୁ। ପୂର୍ବରୁ ଜିଲ୍ଲାରେ ପୁଅଙ୍କ ତୁଳନାରେ ଝିଅଙ୍କ ଜନ୍ମହାର କମ୍ ଥିଲା। କିନ୍ତୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୟୋଚିତ ବିଭିନ୍ନ ପଦକ୍ଷେପ ନେବା ସହିତ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଉପରେ ତୀକ୍ଷ୍ଣ ନଜର ରଖିବାରୁ ପରିସ୍ଥିତି ବଦଳି ଯାଇଛି। ଏବେ ଜିଲ୍ଲାରେ ପୁଅମାନଙ୍କ ତୁଳନାରେ ଝିଅଙ୍କ ଜନ୍ମହାର ଯଥେଷ୍ଟ ବୃଦ୍ଧି ପାଇଛି। ଏହାଏକ ସାମାଜିକ ସମ୍ବେଦନଶୀଳ ସମସ୍ୟା ଏବଂ ସମାଧାନ ହେବା ପାଇଁ ଦୀର୍ଘ ସମୟ ଲାଗି ଯାଇଥାଏ। ଆମକୁ ଏଥିପାଇଁ ଏବେଠୁ ସଜାଗ ରହିବାକୁ ପଡ଼ିବ। ସମଗ୍ର ରାଜ୍ୟରେ ନୂଆପଡ଼ା ଜିଲ୍ଲା ବେଶ୍ ଆଗରେ ଅଛି। ଆମକୁ ଏହିସ୍ଥିତି ବଜାୟ ରଖିବାକୁ ପଡ଼ିବ। ଏହା ଟିମ୍ ୱାର୍କ ଏବଂ ଏହି କ୍ଷେତ୍ରରେ ସ୍ୱାସ୍ଥ୍ୟ ଓ ଅଙ୍ଗନବାଡ଼ି ବିଭାଗର କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲ୍ଲାପାଳ କହିଥିଲେ।

## ଗୋପାଳ ମହାନନ୍ଦଙ୍କୁ 'ଷ୍ଟେଟ୍ ଫରେଷ୍ଟ୍ରି ଆୱାର୍ଡ'



ନୂଆପଡ଼ା/କୋମନା, ୨୫।୩(ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବନଖଣ୍ଡ ଅଧୀନ କୋମନା ରେଞ୍ଜ ରଜନା ସେକ୍ସନର ଫରେଷ୍ଟର ଗୋପାଳ ମହନନ୍ଦଙ୍କୁ ଷ୍ଟେଟ୍ ଫରେଷ୍ଟ୍ରୀ ଆୱାର୍ଡରେ ସମ୍ମାନିତ ହୋଇଛନ୍ତି। ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପିସିସିଏଫ୍ ସୁରେଶ ପନ୍ଥ, ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମକୁମାର ଝା ଭୁବନେଶ୍ୱରରେ ଶ୍ରୀ ମହାନନ୍ଦଙ୍କୁ ସମ୍ମାନିତ କରିଥିଲେ। ଶ୍ରୀ ମହାନନ୍ଦ ପୁରସ୍କାର ଗ୍ରହଣ କରି ନିଜ କର୍ମ ସ୍ଥଳ ରଜନା ସେକ୍ସନକୁ ପହଞ୍ଚିବା ପରେ ଗାଁ ମୁଣ୍ଡରୁ ତାଙ୍କୁ ବାଜା ବାଣରେ ସ୍ୱାଗତ କରାଯାଇଥିଲା। ପରେ ରଜନାରେ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଅତିଥିମାନେ ବନ ସୁରକ୍ଷାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅଞ୍ଚଳର ଜଙ୍ଗଲ ସୁରକ୍ଷା କରିବା ଦିଗରେ ଏକ ସୁଦୂରପ୍ରସାରୀ ପଦକ୍ଷେପ ନେଇଥିବା ଗ୍ରାମବାସୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋମନା ରେଞ୍ଜର ଦେବଦତ୍ତ ସୁତାର, ସମୀର କାନ୍ତ ଠାକୁର ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ଉତ୍କଳ ଯାଦବ ମହାସଭାରେ ସମ୍ବର୍ଦ୍ଧିତ ହେଲେ ରାମଲାଲ

**ନୂଆପଡ଼ା, ୨୫।୩ (ସମିସ):** କଟକରେ ଆୟୋଜିତ ଯାଦବ ସମାଜର 'ଉତ୍କଳ ଯାଦବ ମହାସଭା'ର କାର୍ଯ୍ୟକାରିଣୀ ବୈଠକରେ ନୂଆପଡ଼ା ଜିଲ୍ଲାରୁ ରାମଲାଲ ହଂସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେ କମିଟିରେ ପରାମର୍ଶଦାତା ଭାବେ ମନୋନୀତ ହୋଇଛନ୍ତି। ଏହା ନୂଆପଡ଼ା ଜିଲ୍ଲା



ଯାଦବ ସମାଜ ପାଇଁ ଗୌରବର ବିଷୟ ହୋଇଛି ବୋଲି ଜିଲ୍ଲା ଯାଦବ ସମାଜ ତରଫରୁ କୁହାଯାଇଛି। ନୂଆପଡ଼ା ସମେତ ରାଜ୍ୟରେ ଯାଦବ ସମାଜର ସାମାଜିକ, ଅର୍ଥନୈତିକ ସଂସ୍କାର କିପରି ହୋଇପାରିବ ସେ ଉପରେ ସମାଜ ସଂଗଠନ କାମ କରିବ ବୋଲି କହିଛନ୍ତି।

## ପ୍ରବେଶ ଉତ୍ସବ ପାଇଁ ନିମନ୍ତ୍ରଣପତ୍ର ପ୍ରଦାନ

ନର୍ଲା, ୨୫ ।୩(ସମିସ): ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଉଛି। ଏଥିରେ ସରକାରଙ୍କ ତରଫରୁ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ। ଏହିକ୍ରମରେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ, ତପିମଣି ଜାନୀଙ୍କ ନେତୃତ୍ୱରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ମାଝୀ, ସୂର୍ଯ୍ୟଦେବ ବାଗ, ଜାତୀୟ ଶିକ୍ଷକ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ବ୍ଲକର ବେହେରାପାଟି, କାନ୍ଠଥଡିଗରା ପଡ଼ା, ପିପଲପଦର ଆଦି ଗ୍ରାମକୁ ଯାଇ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ଅପ୍ରେଲ୨ ତାରିଖରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମର ଆୟୋଜନ ହେବ ସୂଚନା ଦେବା ସହ ଓ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ପ୍ରଦତ୍ତ ନିମନ୍ତ୍ରଣପତ୍ର ଅଭିଭାବକଙ୍କୁ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବେହେରାପାଟି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚିତ୍ରଲେଖା ମହାପାତ୍ର, କାନ୍ଠଥଡ଼ିଗରାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଳିତ ମୋହନ ସାହୁ, ପିପଲ ପଦର ଉପ୍ରାବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସେଠୀ ଓ ସିଆରସିସି ହେମନ୍ତ କୁମାର ସାହୁ ଓ ସମ୍ପୃକ୍ତ ଗ୍ରାମର ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ।

# ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବକ୍ତୃତାମାଳା

**ଭବାନୀପାଟଣା, ୨୫ ।୩(ସମିସ):**



'ସମାଜ ଓ ସଂସ୍କୃତିରେ ନାରୀ'

ମାଣିକେଶ୍ୱରୀ ବକ୍ତୃତାମାଳା ହେଉଛି ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏକ ସାରସ୍ୱତ ପରମ୍ପରା। ଏହା ୧୯୮୯ ମସିହା ମଇ ୧୫ ତାରିଖରେ ପ୍ରଥମେ ଆରମ୍ଭ ହୋଇଥିଲା। କଳାହାଣ୍ଡିର ତତ୍କାଳୀନ ମହାରାଜା ପ୍ରତାପ କେଶରୀ ଦେଓ ଏହାର ପ୍ରଥମ ବକ୍ତା ଥିଲେ।ସେ ଭାରତରେ ଅମ୍ବୁଜମ୍ୟାନ ଶୀର୍ଷକରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେହି ଦିନଠାରୁ ନିରବଚ୍ଛିନ୍ନ ଭାବେ ପ୍ରତିବର୍ଷ ନୂଆ ନୂଆ ବିଷୟରେ ଆଲୋଚନା ହୋଇଥାଏ। ଚଳିତ ବର୍ଷ 'ସମାଜ ଓ ସଂସ୍କୃତିରେ ନାରୀ' ଶୀର୍ଷକରେ ବକ୍ତୃତାମାଳା ଅନୁଷ୍ଠିତ ହୋଇଥିଲା। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ସଭାପତି ଆସନ ଅଳଙ୍କୃତ କରି ନାରୀର ମହନୀୟ ଗୁଣ ସମ୍ପର୍କରେ ଆଲୋକପାତ କରିଥିଲେ।ଚଳିତ ବର୍ଷଠାରୁ ମହାରାଜା ପ୍ରତାପ କେଶରୀ ଦେଓ ବକ୍ତୃତାମାଳା, ସହୀଦ ରେଣ୍ଡୋମାଝୀ ବକ୍ତୃତାମାଳା, ପ୍ରଫେସର ଭୁବନେଶ୍ୱର ବେହେରା ବକ୍ତୃତାମାଳା ଓ ପ୍ରଫେସର ସଞ୍ଜୟ କୁମାର ଶତପଥୀ ବକ୍ତୃତାମାଳା ଅନୁଷ୍ଠିତ ହେବା ସହିତ କଳାହାଣ୍ଡି ରେନାସାଁ ପତ୍ରିକାର ପୁନଃପ୍ରକାଶ ହେବ ବୋଲି ଭାରପ୍ରାପ୍ତ କୁଳପତି କହିଥିଲେ। କୁଳସଚିବ ପିତାମ୍ବର ଭୋଇ ନାରୀ ହିଁ ସୃଷ୍ଟି ବୋଲି କହିଥିଲେ। ଉପକୁଳସଚିବ ମେଜର ଡ.ଜୟଦେବ ସାହୁ ସମାଜରେ ନାରୀର ସ୍ଥାନ ବିଷୟରେ କହିଥିଲେ। ସ୍ନାତକୋତ୍ତର ଓଡ଼ିଆ ଭାଷା, ସାହିତ୍ୟ ଓ ଅନୁବାଦର ବିଭାଗ ମୁଖ୍ୟ ଡ.ପଲ୍ଲିଶ୍ରୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ପ୍ରଫେସର ଡୋଳାମଣି ଧରୁଆ ମାଣିକେଶ୍ୱରୀ ବକ୍ତୃତାମାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।ଏହି ଅବସରରେ ଡ.ଇତି ସାମନ୍ତ, ବିଶିଷ୍ଟ ସାହିତ୍ୟିକା ବକ୍ତା ରୂପେ ଯୋଗଦାନ କରି ବିଭିନ୍ନ ପୌରାଣିକ ଉପାଖ୍ୟାନ ମାଧ୍ୟମରେ ପ୍ରାଚୀନ କାଳର ନାରୀଠାରୁ ସାମ୍ପ୍ରତିକ ସମୟର ନାରୀର ଗୁଣାବଳୀ ବିଷୟରେ ବର୍ଣ୍ଣନା କରି ସମାଜରେ ତାହାର ସ୍ଥାନ ସମ୍ପର୍କରେ ଆଲୋକପାତ କରିଥିଲେ।ବକ୍ତାଙ୍କ ବକ୍ତବ୍ୟର ପ୍ରମାଣ ସ୍ୱରୂପ 'ସମାଜ ଓ ସଂସ୍କୃତିରେ ନାରୀ' ସମ୍ପର୍କରେ ଏକ କ୍ଷୁଦ୍ର ପୁସ୍ତିକା ଉନ୍ମୋଚନ ହୋଇଥିଲା। ଅଧ୍ୟାପିକା ସୁଶ୍ରୀ ଲିପ୍ସା ମହାରଣା ନାରୀଭିତ୍ତିକ ଶ୍ରୁତିମଧୁର ସଙ୍ଗୀତ ଗାନ କରିଥିଲେ।ଓଡ଼ିଆ ବିଭାଗର ଅଧ୍ୟାପକ ସୁବ୍ରତ ମାଝୀ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ।ଅଧ୍ୟାପିକା ଡ. ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ବାଲ୍ମିକୀ କରୁଆଁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବକ୍ତୃତାମାଳାରେ ଅଧ୍ୟାପିକା ରେଣୁକା ଡାକୁଆ, ଟିକେରାମ କୁମ୍ଭାର, ରାମଶଙ୍କର ମେହେର ତଥା ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ଭବାନୀପାଟଣା ସହରର ବୁଦ୍ଧିଜୀବୀଗଣ ଉପସ୍ଥିତ ଥିଲେ।

# ଏପ୍ରିଲ ୩୦ରେ ତିନି ମନ୍ଦିରର ରତ୍ନମୁଦ ଉତ୍ସବ

ଥୁଆମୂଳରାମପୁର, ୨୫ ।୩(ସମିସ):ଏପ୍ରିଲ ୩୦ ତାରିଖ ପବିତ୍ର ଅକ୍ଷୟ ତୃତୀୟା ଦିନ ମାଁ ମାଣିକେଶ୍ୱରୀ, ଶ୍ରୀଜଗନ୍ନାଥ ଏବଂ ମହାଦେବଙ୍କ ନବ ନିର୍ମିତ ତିନୋଟି ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହେବ। କଳାହାଣ୍ଡି ଜିଲ୍ଲା ଅଧିଷ୍ଠାତ୍ରୀ ଦେବୀ ମାଁମାଣିକେଶ୍ୱରୀଙ୍କ ଆଦି ପୀଠ ଭାବେ ଅଧିଷ୍ଠିତ ମାଁଙ୍କ ନୂତନ ମନ୍ଦିରର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟତଃ ଚୁଡାନ୍ତ ଅବସ୍ଥାରେ ରହିଥିବା ବେଳେ ମନ୍ଦିର ଏବଂ ପାର୍ଶ୍ୱ ଦେବାଦେବୀଙ୍କ ପ୍ରତିଷ୍ଠା ସହିତ ରତ୍ନମୁଦ ଉତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏଥି ସହିତ ସେଇ ଦିନ ହିଁ ପବିତ୍ର ମୁହୂର୍ତ୍ତରେ ସ୍ଥାନୀୟ ନବ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ମହାଦେବ ମନ୍ଦିରର ମଧ୍ୟ ପ୍ରତିଷ୍ଠା ଓ ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହେବ ପ୍ରସ୍ତୁତି ବୈଠକରେ ସ୍ଥିର ହୋଇଛି। ସୋମବାର ସ୍ଥାନୀୟ ମାଁ ମାଣିକେଶ୍ୱରୀ ମନ୍ଦିର ପରିସରରେ ମନ୍ଦିର ନିର୍ମାଣ କମିଟିର ଆବାହନରେ ଥୁଆମୂଳ ରାମପୁରର ମାଣିକେଶ୍ୱରୀ ପୂଜା କମିଟି, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ଶିବ ମନ୍ଦିର ପରିଚାଳନା କମିଟି, ମନ୍ଦିର ନିର୍ମାଣ କମିଟିର କାର୍ଯ୍ୟକର୍ତ୍ତା ଏବଂ ଗ୍ରାମର ବୟୋଜ୍ୟେଷ୍ଠ ତଥା ବୁଦ୍ଧିଜୀବୀ ଏବଂ ଯୁବ ଗୋଷ୍ଠୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ମାଁ ମାଣିକେଶ୍ୱରୀ ମନ୍ଦିରର ମୁଖ୍ୟପୂଜକ କାମାକ୍ଷ ପ୍ରସାଦ ଦାଶ



ଏବଂ ତାପସ କୁମାର ରାୟଗୁରୁଙ୍କ ସହିତ ତିନୋଟି ମନ୍ଦିରର ପୂଜକ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।ପାଞ୍ଜିକା ଅନୁସାରେ ରତ୍ନମୁଦ ଉତ୍ସବ ପାଇଁ ଆସନ୍ତା ଏପ୍ରିଲ ୩୦ ବୁଧବାର ବୈଶାଖ ଶୁକ୍ଳପକ୍ଷ ପବିତ୍ର ଅକ୍ଷୟ ତୃତୀୟା ଦିନ କାର୍ଯ୍ୟକ୍ରମ ପାଇଁ ଶୁଭ ହେବ ବୋଲି ପୂଜକ କାମାକ୍ଷ ପ୍ରସାଦ ଦାଶ ବୈଠକରେ ମତ ରଖିଥିଲେ।ରତ୍ନମୁଦ ଉତ୍ସବ ଲାଗି ମୁଖ୍ୟ କମିଟି ଗଠନ ହେବା ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ ଉପ କମିଟି ଗୁଡିକର ମଧ୍ୟ ଗଠିତ ହୋଇଯାଇଛି। ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ନେଇ ଉପଦେଷ୍ଟା କମିଟି, ପରେ ବିଭିନ୍ନ ମନ୍ଦିର ପରିଚାଳନା କମିଟି ଗ୍ରାମର ସହଯୋଗୀ ଯୁବଗୋଷ୍ଠୀ ଏବଂ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ନେଇ ତଦାରଖ, ଅର୍ଥ ପରିଚାଳନା, ପ୍ରଚାର ପ୍ରସାର କମିଟି ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇଁ କମିଟି ଗଠନ ହୋଇସାରିଛି।

ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ

# ମନ୍ତ୍ରୀଙ୍କ ଉତ୍ତର ଶୁଣି ସୋନପୁରବାସୀ ଚକିତ

**ସୋନପୁର, ୨୫।୩(ସମିସ):**



ସୁବର୍ଣ୍ଣପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲୋକଙ୍କ ମନରେ ଆଶା ଉଜ୍ଜୀବିତ ହୋଇଥିବା ବେଳେ ବିଧାନସଭାରେ ବିଭାଗୀୟ ମନ୍ତ୍ରୀଙ୍କ ଉତ୍ତର ସମସ୍ତଙ୍କୁ ଚକିତ କରିଛି। ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ସୁବର୍ଣ୍ଣପୁର ଜିଲ୍ଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ କୌଣସି ପ୍ରସ୍ତାବ ଆସିନାହିଁ, ପ୍ରସ୍ତାବ ଆସିଲେ ତର୍ଜମା କରାଯିବ ବୋଲି କହିଛନ୍ତି। କମିଟି ଗଠନ ଠାରୁ ଡିପିଆର୍ ପ୍ରସ୍ତୁତି ପର୍ଯ୍ୟନ୍ତ କାମ ସରିଥିବା ବେଳେ ବିଭାଗ ପାଖକୁ କେମିତି ପ୍ରସ୍ତାବ ଗଲାନାହିଁ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଏହି ପ୍ରସ୍ତାବ ଉତ୍ଥାପନ କରି ଶିଳ୍ପବିହୀନ ସୁବର୍ଣ୍ଣପୁର ଜିଲ୍ଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି କରିଥିଲେ। ଜିଲ୍ଲାର ଅଧିକାଂଶ ଲୋକ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉପରେ ନିର୍ଭର କରନ୍ତି। ମହାନଦୀ ଚିଙ୍ଗୁଡି ପାଇଁ ସୋନପୁର ପ୍ରସିଦ୍ଧ ବୋଲି ବିଧାୟକ କହିଥିଲେ। ତେବେ ବାରିପଦାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଆସିଥିବା ବେଳେ ସୁବର୍ଣ୍ଣପୁର ପାଇଁ କୌଣସି ପ୍ରସ୍ତାବ ଆସିନାହିଁ ବୋଲି ବିଭାଗୀୟ ମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ଜରିଆରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ଅନୁରୋଧପତ୍ର ୨୦୨୪ ଜୁଲାଇ ୨୧ରେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ବିଭାଗର ପ୍ରମୁଖ ସଚିବଙ୍କୁ ଲେଖାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ବିଭାଗର ପ୍ରମୁଖ ସଚିବ ଭିତ୍ତିଭୂମି ସମୀକ୍ଷା ସହିତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଆଦିର ରିପୋର୍ଟ ମାଗିବା ସହ କମିଟି ଗଠନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରରେ କମିଟି ଗଠନ ହୋଇଥିଲା। ପରେ ଜିଲ୍ଲାପାଳ ଏଥିପାଇଁ ଏକ ସବ୍ କମିଟି ମଧ୍ୟ ଗଠନ କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନରେ ଥିବା ସମ୍ବଲପୁର ଜିଲ୍ଲା ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟର ଅଧକ୍ଷ ମତ୍ସ୍ୟ ମହାବିଦ୍ୟାଳୟ ସକାଶେ ଡିପିଆର ପ୍ରସ୍ତୁତ କରିଥିଲେ। ଭୁବନେଶ୍ୱରରୁ ଟିମ୍ ପଠାଇ ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ଜିଲ୍ଲା ପ୍ରଶାସନ ଚିଠି ଲେଖିଥିଲା। ଗତବର୍ଷ ଜୁନ୍ ମାସରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ମଧ୍ୟ ଏନେଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ୫୦ରୁ ୬୦ ଏକର ଜମି ଆବଶ୍ୟକ। ଏହି କ୍ୟାମ୍ପସ୍‌ରେ ଛୋଟରୁ ବଡ଼ ପୋଖରୀ, ଖେଳପଡ଼ିଆ, ଆଡମିନିଷ୍ଟ୍ରେଟିଭ୍ ବ୍ଲକ ଓ ହଷ୍ଟେଲ ଆଦି ନିର୍ମାଣ କରାଯିବାର ପ୍ରସ୍ତାବ ଥିଲା। ଅସ୍ଥାୟୀ କ୍ୟାମ୍ପସ ପାଇଁ ମହିଳା ମହାବିଦ୍ୟାଳୟ ପୁରୁଣା କ୍ୟାମ୍ପସକୁ ଜିଲ୍ଲା ପ୍ରଶାସନ ବାଛିଥିଲା। ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିକଟଙ୍କୁ ପ୍ରସ୍ତାବ ପହଞ୍ଚି ନାହିଁ କହିବା ଆଶ୍ଚର୍ଯ୍ୟଜନକ। ଗତ ଅଧିବେଶନ ସମୟରେ ସଂସଦରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଏହି ପ୍ରସଙ୍ଗ ଉତ୍ଥାପନ କରିଥିଲେ। ସୁବର୍ଣ୍ଣପୁରରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲୋକସଭାରେ ସେ ଦାବି କରିଥିଲେ। ଡବଲ୍ ଇଞ୍ଜିନ ସରକାର ଚାଲିଥିବାରୁ ଏବଂ ବିଜେପି ସାଂସଦ ଦାବି କରିଥିବାରୁ ଖୁବ୍ ଶୀଘ୍ର ସୋନପୁରରେ ଉକ୍ତ ଅନୁଷ୍ଠାନ ପ୍ରତିଷ୍ଠା ହେବ ବୋଲି ସ୍ଥାନୀୟ ଜନସାଧାରଣ ଚିନ୍ତା କରୁଥିଲେ। ଏବେ ଏହା ଆଶାରେ ରହିଗଲା ଭଳି ଲାଗୁଛି। ଜିଲ୍ଲାରେ ମହାନଦୀ, ତେଲନଦୀ ଓ ଅଙ୍ଗନଦୀ ପ୍ରବାହିତ ହେବା ସହ ଶତାଧିକ ପୋଖରୀ ଓ ନାଳ ରହିଛି। ଏଠାରେ ବିଭିନ୍ନ ପ୍ରଜାତିର ମାଛ ମିଳିଥାଏ। ମତ୍ସ୍ୟ ଉତ୍ପାଦନ ସହ ସୁବର୍ଣ୍ଣପୁରରେ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ସୁବର୍ଣ୍ଣପୁର ସହରରେ ୭୫ ଏକର ପରିମିତ ଅଞ୍ଚଳରେ ମତ୍ସ୍ୟ ବିଭାଗର ସରକାରୀ ଫାର୍ମ ଥିବାବେଳେ ବିନିକାର ରହିଲାରେ ୫୫ ଏକର ପରିମିତ ଅଞ୍ଚଳରେ ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମର ଫାର୍ମ ରହିଛି। ଜିଲ୍ଲାରେ କେଉଟ, ଧିବର, ଝରା ଆଦି ହଜାର ହଜାର ମତ୍ସ୍ୟଜୀବୀ ପରିବାର ଅଛନ୍ତି। ସେମାନେ ପାରମ୍ପରିକ ପଦ୍ଧତିରେ ମାଛ ମାରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଜିଲ୍ଲାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ ସ୍ଥାନୀୟ ଜନସାଧାରଣ ଉପକୃତ ହେବେ। ସୁବର୍ଣ୍ଣପୁର ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ବଡ଼ ପ୍ରତିଷ୍ଠାନ ନଥିବାରୁ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ ଗବେଷଣା ତଥା ମାଛ ଉତ୍ପାଦନ କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ।

**● କୌଣସି ପ୍ରସ୍ତାବ ନାହିଁ: ମନ୍ତ୍ରୀ**

## ତେନ୍ତୁଳିପାଲି ମହାନଦୀଘାଟରେ ମାଛ ଯାଆଁଳ ଛାଡ଼ିବା କାର୍ଯ୍ୟକ୍ରମ



**ବୌଦ୍ଧ, ୨୫।୩(ସମିସ):** ତେନ୍ତୁଳିପାଲି ମହାନଦୀଘାଟରେ ମାଛ ଜାଆଁଳ ଛାଡିବା କାର୍ଯ୍ୟକ୍ରମରେ, ଯୋଗଦେଲେ ଜିଲ୍ଲାପାଳ। ବୌଦ୍ଧ ବ୍ଲକ ବହିରା ପଞ୍ଚାୟତର ତେନ୍ତୁଳିପାଲି ମହାନଦୀଘାଟରେ ମତ୍ସ୍ୟ ସମ୍ପଦର ବିକାଶ ଓ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଲାଗି ଉନ୍ନତମାନର ଅଙ୍ଗୁଳିକା ମାଛ ଜାଆଁଳ ଛାଡିବା କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଜିଲ୍ଲା ମତ୍ସ୍ୟ ବିଭାଗ ବୌଦ୍ଧ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରି ମହାନଦୀର ସୁରକ୍ଷା, ପାଣିପାଗର ସନ୍ତୁଳନ, ବୃକ୍ଷ ଲଗାଇବା, ବାୟୋଫ୍ଲକ ମାଧ୍ୟମ ରେ ମାଛ ଚାଷ କରିବା, ମହାନଦୀରେ ମାଛ, ଯାଆଁଳା ଛାଡି ତାର ସୁରକ୍ଷା ପ୍ରତି ଦୃଷ୍ଟି ଦେବା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନକ୍ଷ ଯୋଗ ଦେଇ ମହାନଦୀ ଏବଂ ମତ୍ସ୍ୟ ସମ୍ପଦର ସୁରକ୍ଷା ନେଇ ବକ୍ତବ୍ୟ ରଖିଥିଲେ।ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ପୟୋଧର ମହାକୁର ଏବଂ ବହିରା ସରପଞ୍ଚ ଯଯାତି କେଶରୀ ମହାଲିକ ଯୋଗଦେଇ ଗ୍ରାମବାସୀଙ୍କୁ ମାଛ ଧରିବାରୁ ନିବୃତ୍ତ ହେବାପାଇଁ ପରାମର୍ଶ ଦେଇଥିଲେ।ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର ସଭାପତିତ୍ୱ ଅଭିଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସହକାରୀ ମତ୍ସ୍ୟ ଅଧିକାରୀ ଚିନ୍ମୟୀ ଶୁଭସ୍ମିତା ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ସଂଯୋଜନା କରିଥିଲେ। ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ ନିର୍ଲିପ୍ତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ତେନ୍ତୁଳିପାଲି ମହାନଦୀ ରେ ତେନ୍ତୁଳିପାଲି ଗ୍ରାମବାସୀ, ମତ୍ସ୍ୟଜୀବୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ବହିରା ପଞ୍ଚାୟତ କାର୍ଯ୍ୟାଳୟର କର୍ମଚାରୀଙ୍କ ଉପସ୍ଥିତିରେ ଅତିଥିମାନେ ୭ ଲକ୍ଷ ୫୦ ହଜାର ଯାଆଁଳ ଛାଡିଥିଲେ।କାର୍ଯ୍ୟକ୍ରମରେ ସହକାରୀ ମତ୍ସ୍ୟ ଅଧିକାରୀ ବିଶ୍ୱନାଥ ଖେତୀ, ଅଂଶୁମାନ ପଣ୍ଡା, ମତ୍ସ୍ୟ ବୈଷୟିକ ସହାୟକ ମଧୁସ୍ମିତା ପ୍ରଧାନ, ବିଶ୍ୱମ୍ଭର ପ୍ରଧାନ, ବିଭୁ ଭୂଷଣ ପ୍ରଧାନ, ପରେଶ କୁମାର ପ୍ରଧାନ, ଜୀବନଜ୍ୟୋତି ବିଶ୍ୱାଳ, ସାଗର ମିତ୍ର, ଶ୍ରୀହରି ମେହେର, ଗ୍ରାମବାସୀ ଏବଂ ମତ୍ସ୍ୟଚାଷୀ ସହଯୋଗ କରିଥିଲେ।

## କୁନାସିଲା-ମହିବିଲା ରାସ୍ତା ଶୋଚନୀୟ



ଶଗଡ଼ା, ୨୫ ।୩(ସମିସ):କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ କୁନାସିଲା ଠାରୁ ବରଗାଁ ପଞ୍ଚାୟତ ମହୀବିଲା ପର୍ଯ୍ୟନ୍ତ ଯାଇଥିବା ୨.୫କିମି ରାସ୍ତା ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷା ହେଲେ ଖାଲଖମାରେ ଭର୍ତ୍ତି ହୋଇଯାଉଛି ।ଉକ୍ତ ରାସ୍ତାରେ ଯାତାୟାତ ସମୟରେ ଅନେକ ଲୋକ ପଡ଼ିଯିବା ସହ ଆହତ ମଧ୍ୟ ହେଉଥିବା ଅଞ୍ଚଳବାସୀ କହିଛନ୍ତି ।ଅନେକ ଗାଡ଼ି ଭାଙ୍ଗିଯିବା ସହ ଜିନିଷପତ୍ର ନଷ୍ଟ ହେଉଛି। ରାସ୍ତାଖରାପ ଯୋଗୁଁ ଲୋକଙ୍କ ଦେହ ଅସୁସ୍ଥ ହେଲେ ଆମ୍ବୁଲାନ୍ସ ରାସ୍ତାରେ ଆସିପାରୁ ନାହିଁ। ରାସ୍ତାରେ ପ୍ରତିଦିନ ଶହ ଶହ ଲୋକ ଯିବା ଆସିବା କରନ୍ତି। ବର୍ଷା ଦିନରେ ରାସ୍ତାରେ ଯିବାଆସିବା ଅଞ୍ଚଳବାସିଙ୍କ ପାଇଁ ଚିନ୍ତାର କାରଣହୋଇଛି। ବର୍ଷା ଦିନରେ ଚାରିଚକିଆ ଯାନ ତ ଦୂରର କଥା ଚାଲିକି ଯିବା କଷ୍ଟକର ହୋଇପଡୁଛି । ରାଜ୍ୟ ସରକାର ଗ୍ରାମାଞ୍ଚଳର ରାସ୍ତା ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା ମରଣଯନ୍ତା ପାଲଟିଛି। ଗତ କିଛି ମାସ ତଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାକୁ ସର୍ଭେକରା ସରିଛି। ହେଲେ ଆଜି ପର୍ଯ୍ୟନ୍ତ ପିଚୁ ରାସ୍ତା ନିର୍ମାଣ ହୋଇପାରି ନାହିଁ। ବର୍ଷା ଦିନ ପୂର୍ବରୁ ପିଚୁ ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳ ବାସି ଦାବି କରିଛନ୍ତି। ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

## ବିନା ଟେଣ୍ଡରରେ ପ୍ୟାକ୍ସ ବିଲ୍ଡିଂ ନିର୍ମାଣ ନେଇ ଅଭିଯୋଗ

ମନମୁଣ୍ଡା, ୨୫ ।୩(ସମିସ): ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ କୌଣସି କାମ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରୁ ଅଧିକ ହେଉଥିଲେ ତାହା ଟେଣ୍ଡର ମାଧ୍ୟମରେ କରାଯିବା ଉଚିତ ।କିନ୍ତୁ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବିଲାସପୁର ପଞ୍ଚାୟତରେ ଉଲ୍ଲଂଘନ କରାଯାଇଛି। ବୌଦ୍ଧ ଏଆର୍‌ସିଏସଙ୍କ ଚିଠି ନଂ ୨୧୧୬/୧୨.୭.୨୪ ଅନୁଯାୟୀ ବିଲାସପୁର ପ୍ୟାକ୍ସ ନିର୍ମାଣ ପାଇଁ ସରକାର ବ୍ୟୟ ଅଟକଳ ବାବଦକୁ ୩୧ ଲକ୍ଷ ଟଙ୍କା ମଞ୍ଜୁର କରିଥିବାବେଳେ ୧୮ ଲକ୍ଷ ୬୬ ହଜାର ୯୧୭ ଟଙ୍କା ବର୍ତ୍ତମାନ ସୁଦ୍ଧା ରିଲିଜ୍ କରିଥିବା ଜାଣିବାକୁ ମିଳିଛି ।ଏହା ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରୁ ଅଧିକର ପ୍ରକଳ୍ପ ହୋଇଥିବାରୁ ଟେଣ୍ଡର ମାଧ୍ୟମରେ ତାହା ନିର୍ମାଣ କରାଯିବା ଉଚିତ। ଏହା ଦ୍ୱାରା କାମରମାନ ଠିକ୍ ରହି ପାରିବ ।କିନ୍ତୁ କଣ୍ଟାମାଳ ବିଡିଓ ତାହା ନ କରି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କରାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ସଚିବଙ୍କ ଚିଠି ନଂ ୧୩୨୨/୧୩.୭.୧୮କୁ ମଧ୍ୟ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ସରକାରଙ୍କ ଆଇନ ଓ ନୀତିର ବିରୁଦ୍ଧାଚରଣ ହୋଇଥିଲେ କରାଯାଇଥିବା ବେଳେ ନିମ୍ନମାନର କାମକୁ ପ୍ରୋତ୍ସାହିତ କରାଯାଇଥିବା ଅଭିଯୋଗ ହୋଇଛି। ବିଭାଗୀୟ କାମ କରିବା ବଦଳରେ ଟେଣ୍ଡର ମାଧ୍ୟମରେ କାମ କରାଯିବାକୁ ସାଧାରଣରେ ଦାବି ହୋଇଛି ।ଏନେଇ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ବିଲାସପୁର ସେବା ସମବାୟ ସମିତି ଲିଃର ସଭାପତି ପ୍ରବାସ ଚନ୍ଦ୍ର କ୍ଷେତି ଗତ ୧୭ ତାରିଖ ଦିନ ଅଞ୍ଚାଳବାସୀଙ୍କ ତରଫରୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏନେଇ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ବିଡିଓ କେଉଁ ସ୍ୱାର୍ଥରେ ତାହା ଅଦ୍ୟାବଧି କରି ନ ଥିବା ପ୍ରଶ୍ନବାଚୀ ସୃଷ୍ଟି କରିଛି ।ନୀୟମ ଅନୁଯାୟୀ କାମକରାନ ଗଲେ ଆଇନର ଆଶ୍ରୟ ସହ ଆନ୍ଦୋଳନ କରାଯିବ ବୋଲି ଜାଣିବାକୁ ମିଳିଛି।

## ସାମ୍ବାଦିକ ସଂଘ ଓ ରାମଲୀଳା ନାଟ୍ୟ ସଂସଦର ସମନ୍ୱୟ ବୈଠକ

ବୌଦ୍ଧ, ୨୫।୩(ସମିସ):ବୌଦ୍ଧର ଗଣପର୍ବ ରାମଲୀଳା ମହୋତ୍ସବ ପାଳନ ନେଇ ବୌଦ୍ଧ ଜିଲ୍ଲା ସାମ୍ବାଦିକ ସଂଘ ଓ ରାମଲୀଳା ନାଟ୍ୟ ସଂସଦର ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ମନ୍ଦିରପ୍ରାଙ୍ଗଣରେ ଯାତ୍ରା ସହିତ କଚେରୀ ଖେଳପଡ଼ିଆଠାରେ ଜିଲ୍ଲା ସାମ୍ବାଦିକ ସଂଘ ନେତୃତ୍ୱରେ ଆୟୋଜିତ ରାମଲୀଳା ମହୋତ୍ସବ ମଧ୍ୟରେ ସମନ୍ୱୟ ରଖାଯାଇ ଉଭୟ କାର୍ଯ୍ୟକ୍ରମକୁ ସଫଳରୂପ ଦେବାକୁ ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା। ସଭାପତି ମୃତ୍ୟୁଞ୍ଜୟ ମିଶ୍ର, କାର୍ଯ୍ୟକାରୀ ସଭାପତି ଜୟନାରାୟଣ ମହାନ୍ତି, ପ୍ରମୋଦ ପ୍ରଧାନ, ମାନସ ମିଶ୍ର, କାହ୍ନା ମହାପାତ୍ର, ଆଶୁତୋଷ ମହାପାତ୍ର ଏବଂ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦେବାଶିଷ ପୁରୋହିତ୍, ସମ୍ପାଦକ ଶଶାଙ୍କ ଶେଖର ମିଶ୍ର, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ରାଉତ, କୃଷ୍ଣଗୋପାଳ ମେହେର ଓ ଧବଳେଶ୍ୱର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖବର ପ୍ରସାରଣ ପରେ ନଳକୂପ ମରାମତି

**ଶଗଡ଼ା, ୨୫ ।୩(ସମିସ):** ଦୀର୍ଘ ୧୦ ଦିନ ହେଲା ନଳକୂଅ ଅଚଳ ହୋଇ ପଡ଼ିଥିବା ବେଳେ'ସକାଳ'ରେ ଖବର ପ୍ରକାଶ ପାଇବା ପରେ ମାଝିପଡ଼ା ଗ୍ରାମରେ ଥିବା ନଳକୂପକୁ ମରାମତି କରାଯାଇଛି । ଅଭିଯୋଗ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ସରକାରୀ ନିର୍ଦ୍ଦେଶ ଥିବା ବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକେ ବାସ୍ତବରେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି ।ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ମାଝିପଡ଼ା ଗ୍ରାମରେ ଥିବା ନଳକୂପ ୧୦ ଦିନ ହେବ ଅଚଳ ହୋଇ ପଡ଼ିଥିଲା। ନଳକୂଅରୁ ଦୀର୍ଘ ସମୟ ମାରିଲା ପରେ ମଧ୍ୟ ପାଣି ବାହାରୁ ନ ଥିବା ଯୋଗୁଁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉ ଥିବା ଅଭିଯୋଗ ହୋଇଥିଲା। ନଳକୂପକୁ ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କଲେ ସୁଦ୍ଧା ସମାଧାନ ହେଉ ନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।ଏନେଇ ମଙ୍ଗଳବାର 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ହେଧର, ବୌଦ୍ଧ ଜିଲ୍ଲାର ସର୍ଜନ ପାଣ୍ଡେ, ମନଧର କର୍ମୀ ଟୁଇଟ କରି ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ମଙ୍ଗଳବାର ବିଭାଗ ପକ୍ଷରୁ ଉକ୍ତ ଗ୍ରାମର ନଳକୂପ ମରାମତି କରାଯିବା ପରେ ଲୋକେ ପାଣି ପାଇ ଖୁସି ବ୍ୟକ୍ତ କରିଛନ୍ତି।




## ସାଇବର୍ କ୍ରାଇମ୍ ସଚେତନତା କର୍ମଶାଳା

**ବୀରମହାରାଜପୁର, ୨୫।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରସ୍ଥିତ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଓ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ପର୍ବ ସହିତ ସାଇବର କ୍ରାଇମ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ.ପ୍ରଫୁଲ୍ଲ ରଥଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ ମଞ୍ଚାସୀନ ଥିଲେ। ବରିଷ୍ଠ ସଦସ୍ୟ କୃଷ୍ଣଚନ୍ଦ୍ର ପାଢ଼ୀ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ପୁଲିସ ଓ ବରିଷ୍ଠ ନାଗରିକଙ୍କ ସମ୍ପର୍କ ଏବଂ ତହିଁରେ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ। ଅନୁଷ୍ଠାନ ତରଫରୁ ସଭାପତି ଡ.ରଥ ମୁଖ୍ୟଅତିଥି ଶ୍ରୀ ରାଓଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉପଖଣ୍ଡ ପୁଲିସ ଅଧିକାରୀ ପୂର୍ବରୁ ବୀରମହାରାଜପୁର ଥାନାରେ ଭାରପ୍ରାପ୍ତ ଅଧିକାରୀ ଥିଲେ ଏବଂ ଏଠାରେ ଅବସ୍ଥାନ କାଳର ଲୋକସମ୍ପର୍କ ବଖାଣିଥିଲେ। ସମାଜରେ ସାଇବର କ୍ରାଇମର ଶିକାର ହେଉଥିବା ଅନେକ ଦୃଷ୍ଟାନ୍ତ ମୂଳକ ଉଦାହରଣ ଏହାର କାରଣ ଓ ନିରାକରଣ ଉପରେ ମତବ୍ୟକ୍ତ କରିଥିଲେ। ସୌମିତ୍ରୀ ମେହେର, ଜ୍ଞାନେନ୍ଦ୍ର ତ୍ରିପାଠୀ, ଦୀନବନ୍ଧୁ ମେହେର, ଗୋବର୍ଦ୍ଧନ ମିର୍ଦ୍ଧା, ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସନ୍ତୋଷ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଦୟାନିଧି ହୋତା, ସଦସ୍ୟ ଭୂଷଣ ପାତ୍ର, ବାସୁଦେବ ରଥ, ଚମରା ମହାକୁର, ସୁରୁ ସାହୁ, ଶ୍ୟାମସୁନ୍ଦର ସେଠୀ, ଅକ୍ରୂର ଦନ୍ତା, ବାସୁଦେବ ପଣ୍ଡା, ଗୋପୀ ମହାକୁର, ଧ୍ରୁବ ଦାଶ ଓ ବଳରାମ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ। ସଦସ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ପୂର୍ବତନ ସଭାପତି ଭଗବାନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜୀବିକା ଯୋଗାଇଛି ଗଞ୍ଜାକନ୍ଦା

**ସୁବଳୟା, ୨୫।୩(ସମିସ):**



**● ଔଷଧ ପ୍ରସାଧନ ସାମଗ୍ରୀ ପାଇଁ ହେଉଛି ବ୍ୟବହାର**

ସଭ୍ୟତାର ଆରମ୍ଭରୁ ନଦୀ ମଣିଷକୁ ଜୀବିକା ଯୋଗାଇ ଦେଇଆସିଛି। ଅନେକ ସମୟରେ ନଦୀ ନାଳରୁ ଲୋକେ ବିଭିନ୍ନ ଧାତୁ ଓ ରତ୍ନ ଆଦି ଖୋଜିଥାନ୍ତି। ହେଲେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଗ୍ରାମର ଲୋକମାନେ ଏବେ ନଦୀ, ନାଳରୁ କନ୍ଦ ମୂଳ ଖୋଳି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି। କାମଧନ୍ଦା ନପାଇ ଚିନ୍ତାରେ ଥିବା ପରିବାର ପାଇଁ ଏବେ ଏହି ଗଞ୍ଜା କନ୍ଦା (ଘାସ ଜାତୀୟ) ରୋଜଗାର ମାଧ୍ୟମ ପାଲଟିଛି। ଦୈନିକ ୬ ଘଣ୍ଟା ପରିଶ୍ରମ କଲେ ମିଳିଯାଉଛି ୫ ରୁ ୭ ଶହ ଟଙ୍କା। ଏହି ଘାସ ଜାତୀୟ ଗଛ ବିଭିନ୍ନ ନଦୀ, ନାଳ ଓ ସନ୍ତସନ୍ତିଆ ସ୍ଥାନରେ ଘଞ୍ଚ ବୁଦା ହୋଇ ବଢ଼ିଥାଏ। ଏହାକୁ ପ୍ରାୟତଃ ତୃଣଭୋଜି ପ୍ରାଣୀ ମଧ୍ୟ ଖାଇନଥାନ୍ତି। ତେବେ, ଆନ୍ତର୍ଜାତିକ ବଜାରରେ ଏହି ଗଞ୍ଜା ବୁଦା କନ୍ଦାର ଚାହିଦା ରହିଛି। ଏହି କନ୍ଦାରୁ ବିଭିନ୍ନ ପ୍ରକାର ଔଷଧ ଓ ପ୍ରସାଧନ ସାମଗ୍ରୀ ସୁବାଷିତ ଦ୍ରବ୍ୟ ଭାବେ ବ୍ୟବହାର ହେଉଥିବା ଜଣାଯାଇଛି। ଫଳରେ ଅନେକ ଆନ୍ତଃରାଜ୍ୟ ବ୍ୟବସାୟୀମାନେ ସ୍ଥାନୀୟ ଲୋକଙ୍କୁ ଟଙ୍କା ଦେଇ ଏହି କନ୍ଦା ସଂଗ୍ରହ କରିବା ପାଇଁ ନିୟୋଜିତ କରୁଛନ୍ତି। ବ୍ୟବସାୟୀମାନେ ସେମାନଙ୍କ ଠାରୁ ସ୍ୱଳ୍ପ ମୂଲ୍ୟ ଅର୍ଥାତ୍ କେଜି ପ୍ରତି ୨୦ ରୁ ୩୦ ଟଙ୍କାରେ କ୍ରୟ କରୁଛନ୍ତି। ପରେ ସେମାନେ ଏହାକୁ ବଜାରରେ କେଜି ପ୍ରତି ୭୦ରୁ ୮୦ ଟଙ୍କା ବିକ୍ରି କରୁଥିବା ଜଣାଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ ଗରିବ ଶ୍ରେଣୀର ଲୋକଙ୍କୁ କାମଧନ୍ଦା ମିଳୁ ନଥିବା ବେଳେ ସେମାନେ ଏହି କନ୍ଦା ଖୋଳି ବର୍ଷର ପ୍ରାୟ ୪ ମାସର ଆହାର ଯୋଗାଡ଼ କରିପାରୁଛନ୍ତି। ଏହି କନ୍ଦାକୁ ଖୋଳି ଭଲଭାବରେ ଧୋଇ ସଫା କରି ବିକ୍ରି କରାଯାଏ। ତେବେ ଯେଉଁଭଳି ଭାବେ ପ୍ରତିଦିନ କନ୍ଦା ଖୋଳା ଚାଲିଛି ଏବଂ ବାହାରକୁ ରପ୍ତାନି ହେଉଛି, କିଛିଦିନ ପରେ ଏହି ତୃଣଜାତୀୟ ଗଛ ନିଜର ଅସ୍ତିତ୍ୱ ହରାଇବା ଥୟ ବୋଲି ପରିବେଶବିତ୍‌ମାନେ ଚିନ୍ତା ପ୍ରକଟ କରିଛନ୍ତି। ଯାହାର ନକାରାତ୍ମକ ପ୍ରଭାବ ପରିବେଶ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ରହିଛି ବୋଲି ମତପ୍ରକାଶ ପାଇଛି।

## ମଦ ବେପାରୀ ଗିରଫ

ଶଗଡ଼ା, ୨୫ ।୩(ସମିସ): ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାର୍ଡ ପକ୍ଷରୁ ଚଢଉ କରାଯାଇ ଦେଶୀ ମଦ ଜବତ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଥିବା ଜଣେ ମାଫିଆକୁ ଗିରଫ କରିଛି । ସୂଚନା ଅନୁସାରେ ବୌଦ୍ଧ ଅବକାରୀ ମୋବାଇଲ ଟିମ୍ ଖବର ପାଇ କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ଗଦଗଦି ପଡ଼ା ଗ୍ରାମ ରାସ୍ତାରୁ ୧୨ ଲିଟର ବିଅର ଜବତ କରିବା ସହ ଚୈତନ୍ୟ ନାଏକ (୪୮)କୁ ଗିରଫ କରିଛି। ଅବକାରୀ ବିଭାଗ ପକ୍ଷରୁ ୧୩୧/୨୫ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଚୈତନ୍ୟକୁ କଣ୍ଟାମାଳ କୋର୍ଟରେ ହାଜର କରାଯାଇଥିବା ବୌଦ୍ଧ ଅବକାରୀ ମୋବାଇଲ ଟିମ୍ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ପିଏମ୍ ଇଣ୍ଟର୍ଣ୍ଣସିପ୍ ସଚେତନତା କାର୍ଯ୍ୟକ୍ରମ

ସୁବଳୟା, ୨୫।୩(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ମହାବିଦ୍ୟାଳରେ ପିଏମ ଇଣ୍ଟର୍ଣ୍ଣସିପ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ଶିଶିର ବଣିଆ, ଅଧ୍ୟାପକ ନରେନ୍ଦ୍ର ଝା, ଅଧ୍ୟାପିକା ସୁପ୍ରଭା ନନ୍ଦ ପ୍ରମୁଖ ବିଷୟଭିତ୍ତିକ ଆଲୋଚନାକରି ଛାତ୍ରଛାତ୍ରୀଙ୍କୁ କିଭଳି ପଞ୍ଜୀକରଣ କରାଯିବ ସେ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅଧ୍ୟାପିକା ଜାମିନି ଦାଶ ସଭାପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କଳାକାହ୍ନୁ ପଧାନ ସହଯୋଗ କରିଥିଲେ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା କାର୍ଯ୍ୟକ୍ରମ

ସୁବଳୟା, ୨୫।୩(ସମିସ): ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର କିଶୋରୀ ଝିଅମାନଙ୍କ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଚ୍ଚିତା ନନ୍ଦ ବେରିହାଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଖେଳ ଶିକ୍ଷକ ଶ୍ରୀକାନ୍ତ ନାଏକଙ୍କ ଦ୍ୱାରା କିଶୋରୀ ଝିଅମାନେ ପ୍ରଥମେ ଯୋଗ ଓ ଧ୍ୟାନର ବିଶେଷ ଜ୍ଞାନ ଉପରେ ଆଲୋକପାତ କରିଥିଲେ। ପରେ ଝିଅମାନଙ୍କ ଦ୍ୱାରା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଆରୋଗ୍ୟ ମନ୍ଦିରର ଆୟୁଷ ଡା. ନିରୁପମା ମହାପାତ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଏକଲ ଅଭିଯାନର ବାର୍ଷିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୀରମହାରାଜପୁର, ୨୫।୩ (ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅଧୀନ ନାକଡେଇଁ ଗ୍ରାମରେ 'ଏକଲ୍ ଅଭିଯାନର ବାର୍ଷିକ ପ୍ରଶିକ୍ଷଣ ଅଭ୍ୟାସ ବର୍ଗ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଅଞ୍ଚଳର ଉଲୁଣ୍ଡା ଓ ବୀରମହାରାଜପୁର ଦୁଇଟି ସଞ୍ଚକୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ହାଇସ୍କୁଲର ଶିକ୍ଷକ ତଥା ସିଆର୍‌ସିସି ନରେନ୍ଦ୍ର ଦେହୁରୀ ଏବଂ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଯୁବ ସ୍ୱେଚ୍ଛାସେବୀ ତଥା ପ୍ରକୃତି ବନ୍ଧୁ ହୃଷୀକେଶ ଦେହେରୀ, ଏକଲ୍ ଅଭିଯାନର କର୍ମକର୍ତ୍ତା, ପ୍ରାଥମିକ ଶିକ୍ଷା ପ୍ରମୁଖ ଶଶିଭୂଷଣ ନାୟକ, ଉଲୁଣ୍ଡା ସଞ୍ଚ ପ୍ରମୁଖ ରହିଥିଲେ। ପ୍ରଶିକ୍ଷଣ ବର୍ଗ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଶିକ୍ଷଣରେ ବୌଦ୍ଧିକ, ଶୈକ୍ଷିକ, ଶାରିରୀକ, ସଫେଇ ଓ ଯୋଗାଭ୍ୟାସ ପ୍ରତିଦିନ ଅନୁଷ୍ଠିତ ହେବ। ଶେଷରେ ବିନାୟକ ବାଘ ଧନ୍ୟବାଦ ଦେଇଥିଲେ।

## ପୁଲିସ ଅଧିକାରୀସ୍ତରରେ ଅଦଳବଦଳ

ଶଗଡ଼ା, ୨୫ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ, ମନମୁଣ୍ଡା ଓ ବାଉଁଶୁଣି ଥାନାର ପୁଲିସ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି ।ଏସ୍‌ପିଙ୍କ କାର୍ଯ୍ୟାଳୟର ପତ୍ର ଅନୁସାରେ ବାଉଁଶୁଣି ଥାନା ଅଧିକାରୀ ଇନ୍ସପେକ୍ଟର ଅଞ୍ଜଳି ବିଶ୍ୱାଳଙ୍କୁ ମନମୁଣ୍ଡା ଥାନାକୁ ବଦଳି କରାଯାଇଥିବା ବେଳେ ମନମୁଣ୍ଡା ଥାନା ଅଧିକାରୀ ଇନ୍ସପେକ୍ଟର ତରୁଣ ତପନ ବେହେରାଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରାଯାଇଛି ।ସେହିପରି କଣ୍ଟାମାଳ ଥାନାରେ କାର୍ଯ୍ୟରତ ଏସ୍‌ଆଇ ଜ୍ଞାନେନ୍ଦ୍ର ମିଶ୍ରଙ୍କୁ ବାଉଁଶୁଣି ଥାନାର ଭାରପ୍ରାପ୍ତ ଥାନା ଅଧିକାରୀ ଭାବରେ ନିଯୁକ୍ତି କରାଯାଇଛି।

## ଆହାରକେନ୍ଦ୍ର କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା

ଶଗଡ଼ା, ୨୫ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିର୍ମିତ ଆହାର କେନ୍ଦ୍ର ଉଦ୍‌ଘାଟନର ବର୍ଷେ ପରେ କାର୍ଯ୍ୟକ୍ଷମ ନ ହେଉଥିବାରୁ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଡାକ୍ତରଖାନା ଉପରେ ଅଞ୍ଚଳର ୨୦ହଜାରରୁ ଅଧିକ ଲୋକ ନିର୍ଭର କରୁଛନ୍ତି ।ପଡୋଶୀ କନ୍ଧମାଳ ଓ ସୁବର୍ଣ୍ଣପୁର ଜିଲ୍ଲାର ରୋଗୀମାନେ ମଧ୍ୟ ଏହି ଡାକ୍ତରଖାନା ରେ ପ୍ରତିଦିନ ଚିକିତ୍ସା ହେଉଛନ୍ତି ।ପ୍ରତିଦିନ ଶହଶହ ରୋଗୀ ଚିକିତ୍ସା ହେଉଥିବା ବେଳେ ୪୦ରୁ ଅଧିକ ରୋଗୀ ଭର୍ତ୍ତି ହେଉଛନ୍ତି। ଦୂରରୁ ଆସିଥିବା ରୋଗୀମାନେ ରନ୍ଧା ଖାଦ୍ୟ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଡାକ୍ତରଖାନାରୁ ୫ଶହ ମିଟର ଦୂରକୁ ଯାଇ ରନ୍ଧାଖାଦ୍ୟ କିଣି ଖାଉଛନ୍ତି ଓ ଅଧିକ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି । ସ୍ଥାନୀୟଲୋକଙ୍କ ଦାବି ଅନୁସାରେ ଡାକ୍ତରଖାନା ପରିସରରେ ଆହାରକେନ୍ଦ୍ର ନିର୍ମାଣ କରାଯାଇଛି ଓ ତାହା ସମ୍ପୂର୍ଣ୍ଣ ମଧ୍ୟ ହୋଇଛି। ଇତି ମଧ୍ୟରେ ଉଦ୍‌ଘାଟନ ମଧ୍ୟ ସରିଛି। ହେଲେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ହୋଇନାହିଁ। ଜିଲ୍ଲା ପ୍ରଶାସନ ତୁରନ୍ତ ଆହାରକେନ୍ଦ୍ର କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ମହଲରେ ଦାବିହେଉଛି।

## ସରୁନି ଆବାସ ସର୍ଭେ, ଚିନ୍ତାରେ ହିତାଧିକାରୀ

ଶଗଡ଼ା, ୨୫ ।୩(ସମିସ):ରାଜ୍ୟରେ ଆବାସ ସର୍ଭେ ପ୍ରକ୍ରିୟା ଜାରି ରହିଥିବା ବେଳେ କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଅନେକ ଗ୍ରାମରେ ଆବାସ ସର୍ଭେ କାମ ସମ୍ପୂର୍ଣ୍ଣ ହୋଇ ନ ଥିବା ଅଭିଯୋଗ ହୋଇଛି ।ଉକ୍ତ ସର୍ଭେର ସମୟ ସୀମା ପାଖେଇ ଆସୁଥିବା ବେଳେ ସେମାନେ ସାମିଲ ହେବା ନେଇ ହିତାଧିକାରୀ ଚିନ୍ତାରେ ରହିଛନ୍ତି। ଅନ୍ୟପଟେ ଆବାସ ସର୍ଭେରେ ନିୟୋଜିତ ଥିବା କର୍ମଚାରୀ ମାନେ କାର୍ଯ୍ୟରେ ଅବହେଳା କରୁଥିବାରୁ ଏହା ବିଳମ୍ବ ହେଉଥିବା ଲୋକେ କହିଛନ୍ତି। ନିୟମିତ କର୍ମଚାରୀ ସର୍ଭେ ପାଇଁ ଆସୁ ନ ଥିବା ବେଳେ ଦିନକୁ ୫ରୁ ୭ଜଣଙ୍କ ଡାଟା ନେଇ ଚାଲି ଯାଉଛନ୍ତି ।କର୍ମଚାରୀଙ୍କ ଏଭଳି ଅବହେଳା ଯୋଗୁଁ ଅନେକ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେବାର ଆଶଙ୍କା ଦେଖା ଦେଇଛି ।ପ୍ରାୟ ଦେଢ଼ ମାସରୁ ଊର୍ଦ୍ଧ୍ୱ ହେବ ଏହି ସର୍ଭେ ପ୍ରକ୍ରିୟା ଜାରି ରହିଥିବା ବେଳେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଡେଡଲାଇନ ଦିଆ ଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆ ଯାଇଛି। ଅଳ୍ପ ସମୟ ମଧ୍ୟରେ ବାକି ଥିବା ସମସ୍ତ ଗ୍ରାମରେ ସବୁ ସର୍ଭେ କାମ ସାରିବା କର୍ମଚାରୀଙ୍କ ପକ୍ଷରେ ସମ୍ଭବ ନୁହେଁ। ସମ୍ପୃକ୍ତ କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକେ ଆବାସ ଯୋଜନାରୁ ବଞ୍ଚିତ ହେବାର ଆଶଙ୍କା ଦେଖା ଦେଇଥିବା ବେଳେ ଜିଲ୍ଲା ପ୍ରସାଶନ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ହିତାଧିକାରୀ ଦାବି କରିଛନ୍ତି।

